SAMBAD
ସମ୍ବାଦ
ଶନିବାର, ୨୩ ଜୁଲାଇ ୨୦୧୬, ଭୁବନେଶ୍ୱର

**ବିଶ୍ୱରେ ଭାରତୀୟ ବାୟୁସେନାକୁ ସ୍ୱତନ୍ତ୍ର ସ୍ଥାନ ଦେଇଛି ସୁପରସୋନିକ୍ ଲଢୁଆ ଯୁଦ୍ଧବିମାନ 'ତେଜସ୍'। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଲଢୁଆ ଯୁଦ୍ଧବିମାନ ଏବେ ଭାରତର ଶତ୍ରୁରାଷ୍ଟ୍ରମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ତେବେ ଏହି ଲଢୁଆ ବିମାନର ଜନକ ଓ ବିନ୍ଧାଣୀ ହେଉଛନ୍ତି ଓଡ଼ିଆ ପୁଅ ପଦ୍ମଶ୍ରୀ କୋଟା ହରିନାରାୟଣ। ଭୁବନେଶ୍ୱର ଆଇଆଇଟିର ନବମ ପ୍ରତିଷ୍ଠାନ ଦିବସ ଅବସରରେ ସେ ଅତିଥିଭାବେ ଯୋଗ ଦେଇଥିବା ଅବସରରେ ତାଙ୍କୁ ଭେଟିଥିଲେ ଆମ ପ୍ରତିନିଧି ଅର୍ଜୁନ ପାଇକରାୟ।**



# ତେଜସ୍‌ର ଇଂଜିନ୍ ନିର୍ମାଣ କରିବା ପରବର୍ତ୍ତୀ ଲକ୍ଷ୍ୟ

**ସ୍ୱଦେଶୀ ଜ୍ଞାନକୌଶଳରେ ସୁପରସୋନିକ୍ ଲଢୁଆ ଯୁଦ୍ଧବିମାନ 'ତେଜସ୍' ନିର୍ମାଣ କରି ଆପଣ ଭାରତକୁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ଏଥିପାଇଁ କେତେ ବର୍ଷ ଲାଗିଲା? ଏଥିରେ ଆଉ କିଛି କାମ ବାକି ରହିଛି କି?**

୧୯୮୩ ମସିହାରେ ଏଭଳି ପ୍ରସ୍ତାବ ଉପରେ ସରକାର ଆଗ୍ରହ ଦେଖାଇଥିଲେ। ତେବେ ୧୯୯୩ ମସିହାରେ ଏଥିପାଇଁ ବ୍ୟୟ ବରାଦ ହେଲା। ।୨୦୦୧ ମସିହାରେ ସରକାର ପୂର୍ଣ୍ଣ ଅନୁଦାନ ଯୋଗାଇ ଦେଲେ। ଆଉ ଆଜି ଏହା ବାୟୁସେନାରେ ସାମିଲ୍ ହେଲା। ତେଣୁ ହିସାବ କରାଯାଉ କେତେ ବର୍ଷର ସାଧାନା ଆଜି ଫଳବତୀ ହୋଇଛି। ହଁ, ଆହୁରି କିଛି କାମ ବାକି ରହିଛି। ଏହାର ଇଂଜିନ୍ ଏବେ ବି ଆମଦାନୀ କରିବାକୁ ପଡୁଛି। ଇଂଜିନ୍‌କୁ ବାଦ୍ ଦେଲେ ବାକି ସବୁ ଭାରତୀୟ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ। ତେବେ ଇଂଜିନ୍ ନିର୍ମାଣ ପାଇଁ ଉଦ୍ୟମ ଜାରି ରହିଛି ଓ ଏଥିରେ ଆମେ ଖୁବ୍ ଶୀଘ୍ର ସଫଳ ହେବୁ।

**ଏବେ ଭାରତ ଏହି କ୍ଷେତ୍ରରେ ବିଶ୍ୱର କେଉଁ କେଉଁ ଦେଶ ସହ ସମକକ୍ଷ ହୋଇଛି ବୋଲି କୁହାଯାଇପାରେ?**

ବଡ଼ କଥା ହେଉଛି, ଏ କ୍ଷେତ୍ରରେ ଆମେ ଆମ ପଡ଼ୋଶୀ ରାଷ୍ଟ୍ରମାନଙ୍କଠାରୁ ଆଗରେ ରହିଛୁ। ୟୁରୋପୀୟ ଦେଶମାନଙ୍କ ସହ ଏବେ ଆମେ ସମକକ୍ଷ। କେବଳ ଆମେରିକା ଆମ ଆଗରେ ରହିଛି। ତେବେ ଆଉ ବେଶୀ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆମେ 'ତେଜସ୍'ର ଇଂଜିନ୍ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରିବା ପରେ ଆମେରିକା ସହ ସମକକ୍ଷ ହୋଇପାରିବା।

**ଲଢୁଆ ବିମାନ ନିର୍ମାଣ କରିବା କ୍ଷେତ୍ରରେ ସଫଳତା ମିଳିଛି। ତେବେ କେବେ ଆମେ ଏହା ରପ୍ତାନୀ କରିବାରେ ସଫଳ ହୋଇପାରିବା?**

ଏବେ ଆମକୁ ଭାରତୀୟ ବାୟୁସେନା ଓ ନୌସେନାକୁ ଆବଶ୍ୟକ ପରିମାଣର ଯୁଦ୍ଧ ବିମାନ ଯୋଗାଇବାକୁ ପଡ଼ିବ। ତେଣୁ ଏହି ଯୁଦ୍ଧ ବିମାନ ନିର୍ମାରକାରୀ ସଂସ୍ଥା 'ହାଲ୍' ଉପରେ ଚାପ ରହିଛି। ଏଭଳି ବିମାନ ନିର୍ମାଣ କରିବା ଘରୋଇ କମ୍ପାନି ଦ୍ୱାରା ସମ୍ଭବ ନୁହେଁ। କେବଳ ସରକାରୀ ଉଦ୍ୟୋଗ ଦ୍ୱାରା ଏହା ସମ୍ଭବ। ତେଣୁ ଏଥିପାଇଁ ଅଧିକ ଅର୍ଥ ବରାଦ ହେବା ଦରକାର। ତେବେ ଶ୍ରୀଲଙ୍କା, ବାଂଲାଦେଶ, ମିଆଁମାର୍ ଭଳି କିଛି ରାଷ୍ଟ୍ର ତେଜସ୍ ଭଳି ଲଢୁଆ ଯୁଦ୍ଧ ବିମାନ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ସେମାନଙ୍କୁ ରପ୍ତାନୀ କରାଯାଇପାରେ।

**ସରକାର ବହୁ କ୍ଷେତ୍ରରେ ଏଫ୍‌ଡିଆଇକୁ ଅନୁମତି ଦେଉଛନ୍ତି। ଏ କ୍ଷେତ୍ରରେ ଏଫଡିଆଇକୁ ଅନୁମତି ଦିଆଯାଇପାରେ କି?**

ଏହା ସରକାରଙ୍କ ନିଷ୍ପତ୍ତି। ଆମେ କେବଳ 'ତେଜସ୍'କୁ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରିବାକୁ ଲାଗିପଡ଼ିଛୁ।

**ଓଡ଼ିଶା କଥା କେତେ ମନେ ଅଛି?**

(ଏକ ବଡ଼ ଖୋଲା ହସଟିଏ ହସି) ଜନ୍ମମାଟି କି କେହି କ'ଣ ଭୁଲିପାରେ? ବ୍ରହ୍ମପୁର କଥା ଛାଡ଼ନ୍ତୁ। ପିଲାଦିନେ ବୋଉ ମତେ ଜଟଣୀ ଦେଇ କାଇପଦର ସତ୍ୟପୀରଙ୍କ ନିକଟକୁ ନେଇଥିଲା। ମୋ ପାଇଁ କ'ଣ ଗୋଟେ ମାନସିକ କରିଥିଲା। ଜଟଣୀରେ ଟ୍ରେନ୍‌ରୁ ଓହ୍ଲାଇ ବସ୍‌ରେ ଖୋର୍ଧା ଯାଇଥିଲୁ ଓ ସେଠାରୁ କାଇପଦର ଯାଇଥିବା କଥା ପୁରା ମନେ ଅଛି। ସେହିଭଳି ଭଉଣୀଘର ବାଣପୁରରେ। ପିଲାଦିନେ ବାଣପୁର ଯାଇଛି ଓ ମନେ ଅଛି।